**Publication:** Mahabharata
**Date:**10/09/2015
**Edition:** Bhubaneshwar
**Page No:** 6
**Headline:**TCS IT Wiz 2015 in Bhubaneswar on 24th

# ସେପ୍ଟେମ୍ବର ୨୪ରେ ଭୁବନେଶ୍ୱର ସଂସ୍କରଣ ଆଇଟି ୱିଜ୍ ୨୦୧୫

ଭୁବନେଶ୍ୱର : ପ୍ରମୁଖ ଆଇଟି ସର୍ଭିସେସ୍, କନ୍ସଲ୍ଟିଂ ଏବଂ ବ୍ୟବସାୟ ସମାଧାନକାରୀ ସଂସ୍ଥା, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ସେପ୍ଟେମ୍ବର ୨୪, ୨୦୧୫ ଗୁରୁବାର, ଜୟଦେବ ବିହାର ରୋଡ୍ସ୍ଥିତ ପାଲ୍ ହାଇଟ୍ସ, ଜୋ/୭ରେ ଟିସିଏସ୍ ଆଇଟି ୱିଜ୍ ୨୦୧୫, ଭାରତର ସର୍ବବୃହତ ଆନ୍ତଃ-ବିଦ୍ୟାଳୟ କ୍ୱିଜ୍ ଅନୁଷ୍ଠିତ ହେବ। ଏଥିପାଇଁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ (ପ୍ରାକ୍ ବିଶ୍ୱବିଦ୍ୟାଳୟ ଜୁନିଅର୍ କଲେଜ) ମଧ୍ୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତି ଶିକ୍ଷାନୁଷ୍ଠାନ ୨ ସଦସ୍ୟ ବିଶିଷ୍ଟ ସର୍ବାଧିକ ୮ଟି ଟିମ୍ ପଠାଇ ପାରିବେ। ଟିସିଏସ୍ ଆଇଟି ୱିଜ୍-୨୦୧୫ ଅହମ୍ମଦାବାଦ, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ, ଇନ୍ଦୋର, କୋଚି, କୋଲ୍କାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ ଏବଂ ବିଶାଖାପାଟଣା ଭଳି ଭାରତର ୧୫ଟି ସ୍ଥାନରେ ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ନିଜ ଅନୁଷ୍ଠାନ ମାଧ୍ୟମରେ କାଳୀପ୍ରସାଦ ତ୍ରିପାଠୀ, ଟିସିଏସ୍ ଆଇଟି ୱିଜ୍ କୋଅର୍ଡିନେଟର, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍, ଆଇଟି/ଆଇଟିଇଏସ୍ ଏସ୍ଇଜେଡ୍, ପ୍ଲଟ୍ ନମ୍ବର-୩୫, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪କୁ ସେପ୍ଟେମ୍ବର ୨୧ ତାରିଖ ସୁଦ୍ଧା ଆବେଦନ ପତ୍ର ପଠାଇବାକୁ ପଡ଼ିବ। ସବିଶେଷ ତଥ୍ୟ ଜାଣିବା ପାଇଁ ମୋବାଇଲ୍ ନମ୍ବର: ୦୯୨୩୮୩୦୧୯୫୦ କୁ କଲ୍ କରିପାରିବେ ବା www.tcsitwiz.com ମାଧ୍ୟମରେ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିପାରିବେ। ସେହିଭଳି ଆପଣ ଟ୍ୱିଟର ମାଧ୍ୟମରେ @TCSITWiz ରେ ଅନୁସରଣ କରିପାରିବେ। କ୍ୱିଜ୍ ଫର୍ମାଟ୍: ଲିଖିତ ପ୍ରିଲିମିନାରୀ ପରୀକ୍ଷାର ଟପ୍ ୬ ଟିମ୍ ହିଁ ଆଞ୍ଚଳିକ ଫାଇନାଲ୍ ପାଇଁ ଉତ୍ତୀର୍ଣ୍ଣ ହୋଇପାରିବେ। ତେବେ ଯଦି କୌଣସି ବିଦ୍ୟାଳୟର ଏକାଧିକ ଦଳ ପ୍ରିଲିମିନାରୀ ଟପ୍ ୬ରେ ଥିବେ ସେମାନଙ୍କ ମଧ୍ୟରୁ ଉକ୍ତ ବିଦ୍ୟାଳୟର ସର୍ବାଧିକ ସ୍କୋର କରିଥିବା ଦଳକୁ ଷ୍ଟେଜ୍‌କୁ ଡକାଯିବ। ଆଞ୍ଚଳିକ ଦଳର ବିଜେତାମାନେ ଡିସେମ୍ବରରେ ହେବାକୁ ଥିବା ମେଗା ଫାଇନାଲ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଞ୍ଚଳିକ ବିଜେତା ଟିମ୍ ସହ ଜଣେ ଏସ୍କର୍ଟ ମୁମ୍ବାଇ ଗସ୍ତ କରିବେ।

ପୁରସ୍କାର: ଚଳିତ ବର୍ଷ ଟିସିଏସ୍ ଆଇଟି ୱିଜ୍ ଆଞ୍ଚଳିକ ଚାମ୍ପିଅନ୍‌ଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ମିଳିବାକୁ ଥିବାବେଳେ ରନର୍ସ ଅପ୍ ଟିମ୍ ସଦସ୍ୟଙ୍କୁ ଆଇପ୍ୟାଡ୍ ମିନି ସମେତ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟ୍ରଫି ଓ ମେଡାଲ ମିଳିବ। ୬ ଚୂଡ଼ାନ୍ତ ଦଳକୁ ଟିସିଏସ୍ ପକ୍ଷରୁ ଲାପ୍‌ଟପ୍ ବ୍ୟାଗ୍, ସିପ୍ପର, ହେଡ୍‌ଫୋନ୍, ପେନ୍‌ଡ୍ରାଇଭ, ସେଲ୍‌ଫି ଷ୍ଟିକ୍ ଭଳି ଆହୁରି ଅନେକ କିଛି ମିଳିବ। ଆଞ୍ଚଳିକ ଚାମ୍ପିଅନ୍ ଓ ଜଣେ ଏସ୍କର୍ଟ ଫାଇନାଲ୍ ପାଇଁ ମୁମ୍ବାଇ ଗସ୍ତ କରିବେ।

ଟ୍ୱିପୋର୍ଟିଙ୍ଗ୍: ଆଞ୍ଚଳିକ ଚୂଡ଼ାନ୍ତ ଦଳର ସବୁ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକ ଟ୍ୱିଟର୍ ପ୍ରତିଯୋଗିତା ହେବ ଏବଂ ପ୍ରତି ସହରର ସର୍ବାଧିକ ଟ୍ୱିଟ୍ ସହ ଟପ୍ ୨ ବିଜେତା ଗୋଟିଏ ଲେଖାଏଁ ସେଲ୍‌ଫି ଷ୍ଟିକ୍, ପେନ୍ ଡ୍ରାଇଭ୍ ଏବଂ ହେଡ୍‌ଫୋନ୍ ପାଇବେ। ଟ୍ୱିଟ୍ କରନ୍ତୁ ଏବଂ ଜିତନ୍ତୁ: ଟ୍ୱିଟର୍ ପ୍ରତିଯୋଗିତାରେ ପ୍ରତି ଟ୍ୱିଟ୍ ପାଇଁ ଏକ ପଏଣ୍ଟ ଆର୍ଣ୍ଣିଂ ସିଷ୍ଟମ୍ ରହିବ। ୧୫ଟି ସହର ମଧ୍ୟରୁ ଅଧିକ ଟ୍ୱିଟ୍ ପଏ ଜିତିଥିବା ୩ ଜଣ ଛାତ୍ରଛାତ୍ରୀ ଯଥାକ୍ରମେ ୧୫,୦୦୦, ୧୦,୦୦୦ ଏବଂ ୫,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ମିଳିବ। ଅନ୍ୟ ସ୍ଥାନର ଛାତ୍ରଛାତ୍ରୀଙ୍କୁ ସମର୍ଥିତ କରିବାର ଦୃଶ୍ୟ ଦେଖିବାକୁ ଏକ ଲାଇଭ୍ ୱେବ୍‌କାଷ୍ଟ ବ୍ୟବସ୍ଥା କରାଯାଇଛି। ଆଞ୍ଚଳିକ ଫାଇନାଲ୍‌ର ୱେବ୍‌ଷ୍ଟ୍ରିମିଂ www.tcsitwiz.com ରେ ଦେଖିହେବ।